# NATIONAL NEWS BULLETIN (ODIA)

**5 May- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ତେଲଙ୍ଗାନାର ଶିରିପୁରଠାରେ ୩ ହଜାର ୯୦୦ କୋଟି ଟଙ୍କାର ଏକାଧିକ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ

- ୱାକଫ୍ ସଂଶୋଧନ ଆଇନ ୨୦୨୫ର ସାମ୍ବିଧାନିକ ବୈଧତାକୁ ନେଇ ଆଗତ ଏକାଧିକ ଆବେଦନର  ଆଜି ଶୁଣାଣି କରିବେ ସୁପ୍ରିମକୋର୍ଟ

- ନୂଆଦିଲ୍ଲୀରେ ଚାଲିଛି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଓ ଜାପାନ ପ୍ରତିପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ

- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ କଂଗ୍ରେସର ମନ୍ତବ୍ୟକୁ ବିରୋଧ କରିଛି ବିଜେପି ।

ଏବଂ

- ଆଇପିଏଲ୍ ଟି-୨୦ ସିରିଜ୍‌ର ଆଜିର ମ୍ୟାଚ୍‌ରେ ମୁହାଁମୁହିଁ ହେବେ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଦିଲ୍ଲୀ କ୍ୟାପିଟାଲ୍‌ସ

## ଗଡ଼କରୀ-ତେଲଙ୍ଗାନା

କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ତେଲଙ୍ଗାନାର ଶିରିପୁର କାଗଜନଗରରେ ୩ ହଜାର ୯୦୦ କୋଟି ଟଙ୍କାର ଏକାଧିକ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଗଡ଼କରୀ ତେଲଙ୍ଗାନାରେ ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ କେନ୍ଦ୍ରର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ରାଜ୍ୟର ଜାତୀୟ ରାଜପଥ କଡ଼ରେ ଅମୃତ ସରୋବର ନିର୍ମାଣ କରି କୃଷକମାନଙ୍କୁ ସହାୟତା କରିବା ପାଇଁ ସେ ଆଗ୍ରହ ପ୍ରକାଶ କରିଛନ୍ତି । ଶ୍ରୀ ଗଡ଼କରୀ କହିଛନ୍ତି ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ତେଲଙ୍ଗାନାରେ ୨ ଲକ୍ଷ କୋଟି ଟଙ୍କାର ରାଜପଥ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଯାହାଫଳରେ କୋଥାଗୁଡ଼େମ ଏବଂ ମୁଲୁଗୁ ଭଳି ଦୁର୍ଗମ ଜିଲ୍ଲାଗୁଡ଼ିକୁ ହାଇଦ୍ରାବାଦ ସହ ଦ୍ରୁତ ସଂଯୋଗ କରାଯାଇ ପାରିବ ।

ଶ୍ରୀ ଗଡ଼କରୀ କହିଛନ୍ତି, ନିଉ ଗ୍ରୀନ୍  ଏକ୍ସପ୍ରେସ୍ ରାଜପଥର ଇନ୍ଦୋର-ହାଇଦ୍ରାବାଦ କରିଡର ଆସନ୍ତାବର୍ଷ ମାର୍ଚ୍ଚମାସ ସୁଦ୍ଧା ଶେଷ ହେବ । ସେହିପରି ଆସନ୍ତାବର୍ଷ ଏପ୍ରିଲ୍‌ମାସ ସୁଦ୍ଧା ସୁରଟ-ନାସିକ୍-କୁର୍ଣ୍ଣୁଲ-ହାଇଦ୍ରାବାଦ-ଚେନ୍ନାଇ-ତିରୁଅନନ୍ତପୁରମ୍ ଗ୍ରୀନ୍‌ଫିଲ୍ଡ ରାଜପଥ ମଧ୍ୟ ଶେଷ ହେବ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

**V/O [Nitin Garkari- Green field)**

## ଏସ୍‌ସି-ୱାକଫ୍ ଆକ୍ଟ

ୱାକଫ୍ ସଂଶୋଧନ ଆଇନ ୨୦୨୫ର ସାମ୍ବିଧାନିକ ବୈଧତାକୁ ନେଇ ଆଗତ ଏକାଧିକ ଆବେଦନର ଶୁଣାଣି ଆଜି ସୁପ୍ରିମକୋର୍ଟରେ

ହେବ । ପ୍ରଧାନ ବିଚାରପତି ଜଷ୍ଟିସ୍ ସଞ୍ଜୟ ଖାନ୍ନା, ଜଷ୍ଟିସ୍ ସଂଜୟ କୁମାର ଏବଂ ଜଷ୍ଟିସ୍ କେ.ଭି. ବିଶ୍ୱନାଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଉ କିଛିସମୟ ପରେ ଶୁଣାଣି କରିବେ । ଗତମାସ ୧୭ ତାରିଖରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ ଆବଶ୍ୟକ ପଡ଼ିଲେ ଏହି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆଦେଶ ଦିଆଯିବ ।

ଏହି ମାମଲାର ପୂର୍ବ ଶୁଣାଣିରେ ସୁପ୍ରିମକୋର୍ଟ କେତେକ ବିବାଦୀୟ ବ୍ୟବସ୍ଥାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ । ୱାକଫ୍ ବାଇ ୟୁଜର ଜମି ସମେତ ପଞ୍ଜୀକୃତ କିମ୍ବା ବିଜ୍ଞପ୍ତିତ ୱାକଫ୍ ପ୍ରଭାବିତ ହେବ ନାହିଁ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

---

## ଇଣ୍ଡିଆ-ଜାପାନ ଡିଫେନ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ନୂଆଦିଲ୍ଲୀରେ ଜାପାନ ପ୍ରତିରକ୍ଷାମନ୍ତ୍ରୀ ଜେନେରାଲ୍ ନାକତାନିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରୁଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପ୍ରତି ଦୃଢ଼ ସମର୍ଥନ ପ୍ରକାଶ କରିଥିବାରୁ ଶ୍ରୀ ସିଂ ଜାପାନ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଭାରତ-ଜାପାନ ପ୍ରତିରକ୍ଷା ସଂପର୍କକୁ ସୁଦୃଢ଼ କରିବା କ୍ଷେତ୍ରରେ ଜେନେରାଲ୍ ନାକତାନିଙ୍କ ଅବଦାନ ପାଇଁ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ ତାଙ୍କୁ ପ୍ରଶଂସା କରିଛନ୍ତି ।

ସଂପ୍ରତି ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ନିରାପତ୍ତା ପରିସ୍ଥିତି ଉପରେ ଉଭୟ ନେତା ଆଲୋଚନା କରୁଛନ୍ତି । ଏଥିରେ ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ଆହୁରି ସୁଦୃଢ଼ କରିବା ଲାଗି ଆଲୋଚନା କରାଯାଉଥିବା ଜଣାପଡ଼ିଛି ।

ଭାରତ ଏବଂ ଜାପାନ ମଧ୍ୟରେ ଦୀର୍ଘଦିନରୁ ବନ୍ଧୁତା ରହିଆସିଛି ଏବଂ ଉଭୟ ଦେଶ ପ୍ରତିରକ୍ଷା ଓ ନିରାପତ୍ତା କ୍ଷେତ୍ରରେ ସହଯୋଗ କରୁଛନ୍ତି । ଭାରତ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ଶାନ୍ତି, ନିରାପତ୍ତା ଓ ସ୍ଥିରତା ପ୍ରସଙ୍ଗରେ ଏହି ବୈଠକ ଗୁରୁତ୍ୱ ବହନ କରୁଛି ।

## ବିଜେପି ମିଟିଂ

ବିଜେପି ଅଧ୍ୟକ୍ଷ ଜେ.ପି. ନଡ୍ଡା ଆଜି ନୂଆଦିଲ୍ଲୀରେ ଦଳର ସାଧାରଣସମ୍ପାଦକମାନଙ୍କ ସହ ବୈଠକ କରିଛନ୍ତି । ବିଜେପି ମୁଖ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଦଳର ସାଧାରଣ ସମ୍ପାଦକ ବି.ଏଲ୍. ସନ୍ତୋଷ, ଅରୁଣ ସିଂ, ବିନୋଦ ତାୱ୍ଡେ଼ ଏବଂ ତରୁଣ ଚୁଗ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି-କଂଗ୍ରେସ

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ନେଇ କଂଗ୍ରେସ ନେତା ଅଜୟ ରାୟ ସରକାରଙ୍କ ବିରୁଦ୍ଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ପରେ ବିଜେପି ଆଜି କଂଗ୍ରେସକୁ ସମାଲୋଚନା କରିଛି । ଦଳର ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପାକିସ୍ତାନ ସୀମାରେ ଅସ୍ତ୍ରବିରତି ଚୁକ୍ତିକୁ କ୍ରମାଗତ ଭାବେ ଉଲ୍ଲଂଘନ କରୁଥିବା ବେଳେ ଦେଶ ଭିତରେ କଂଗ୍ରେସ ଓ ଇଣ୍ଡିଆ ବ୍ଲକ୍‌ର ନେତାମାନେ ସେନା ବିରୁଦ୍ଧରେ ବୟାନ ଦେଉଛନ୍ତି । ବିରୋଧୀମାନେ ସଶସ୍ତ୍ର ବାହିନୀର ମନୋବଳ ହ୍ରାସ କରିବାକୁ ଚେଷ୍ଟା କରୁଥିବା ଶ୍ରୀ ତ୍ରିବେଦୀ ଅଭିଯୋଗ କରିଛନ୍ତି ।

**V/O**

**(Sudhansu Tribedi)**

## ଏନ୍‌ଟିଏ

ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଗତକାଲି ସଫଳତାର ସହ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା-ନିଟ୍ -ୟୁଜି-୨୦୨୫ ଶେଷ କରିଛି । ଦେଶର ୫ ହଜାର ୫୦୦ରୁ ଅଧିକ ପରୀକ୍ଷା କେନ୍ଦ୍ରରେ ଏବଂ ବିଦେଶର ୧୪ଟି ସହରରେ ୨୦ଲକ୍ଷ ୮୦ ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

ପରୀକ୍ଷା ସୁପାରିଚାଳନା ନିମନ୍ତେ ଏନ୍‌ଟିଏ ପକ୍ଷରୁ ବ୍ୟାପକ ନିରୀକ୍ଷଣ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିଲେ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଅଧୀନରେ କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇ ପରୀକ୍ଷା ପରିଚାଳନା ବ୍ୟବସ୍ଥାର ବାସ୍ତବ ସମୟରେ ତଦାରଖ କରାଯାଇଥିଲା । ଏହି କାର୍ଯ୍ୟରେ ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା, ପ୍ରଯୁକ୍ତିବିଦ୍ୟା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନେ ସାମିଲ ହୋଇଥିଲେ ।

ଚଳିତବର୍ଷ ପରୀକ୍ଷା କେନ୍ଦ୍ରଗୁଡ଼ିକ ମୁଖ୍ୟତଃ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ କରାଯାଇଥିଲା ।

---

## ସ୍ନେକ୍ ଆଣ୍ଟିଭେନମ୍

ସାପ ବିଷର ପ୍ରଭାବଶାଳୀ ଆଣ୍ଟିଭେନନ୍ ପ୍ରସ୍ତୁତ କରିବା କ୍ଷେତ୍ରରେ ବୈଜ୍ଞାନିକମାନଙ୍କୁ ବଡ଼ ସଫଳତା ମିଳିଛି । ଗତ ୧୮ ବର୍ଷ ଧରି

ଗବେଷଣା ପରେ ସାପ ବିଷର ଇଞ୍ଜେକ୍ସନ ମାଧ୍ୟମରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଥିବା ବ୍ୟକ୍ତିଙ୍କ ଆଣ୍ଟିବଡ଼ି ବ୍ୟବହାର କରି ଆଣ୍ଟିଭେନମ୍ ବିକାଶ କରାଯାଇଛି। ସେଲ୍ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁଯାୟୀ, ମୂଷା ଦେହରେ ଆଣ୍ଟିଭେନମ୍ ବ୍ୟବହାର କରାଯିବା ପରେ ବ୍ଲାକ୍ ମାମ୍ବା, ଅହିରାଜ ଏବଂ ଟାଇଗର ସ୍ନେକ୍‌ର ବିଷକୁ ପ୍ରତିହତ କରିବା ସଫଳ ହୋଇଛି । ଏହି ଉପାୟରେ ଆଣ୍ଟିବଡ଼ି ପ୍ରଦାନ କରିଥିବା ଟିମ୍ ଫ୍ରିଡେଙ୍କ ଆଣ୍ଟିବଡ଼ିକୁ ଏକ ବିଷାକ୍ତ ଅବରୋଧକାରୀ ଔଷଧ ସହିତ ମିଶାଇ ୩ ଭାଗ ଫର୍ମୁଲା ପ୍ରସ୍ତୁତ କରାଯାଇଛି, ଯାହା ୧୯ଟି ମାରାତ୍ମକ ସାପବିଷ ମଧ୍ୟରୁ ୧୩ଟି ବିଷକୁ ନିଷ୍କ୍ରିୟ କରିପାରୁଛି ।

ସେଣ୍ଟିଭାକ୍ସର ମୁଖ୍ୟ ଗବେଷକ ଜାକବ୍ ଗ୍ଲାନ୍‌ଭିଲ୍ କହିଛନ୍ତି, ଏହା ହେଉଛି ସାର୍ବଜନୀନ ସାପ ଆଣ୍ଟିଭେନମ୍ ସୃଷ୍ଟିର ଅତ୍ୟନ୍ତ ନିକଟତର ।

## ଗଡ଼କରୀ-ତେଲଙ୍ଗାନା

କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆଜି ତେଲଙ୍ଗାନାର ଶିରିପୁର କାଗଜନଗରରେ ୩ ହଜାର ୯୦୦ କୋଟି ଟଙ୍କାର ଏକାଧିକ ସଡ଼କ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଗଡ଼କରୀ ତେଲଙ୍ଗାନାରେ ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା କ୍ଷେତ୍ରରେ କେନ୍ଦ୍ରର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ରାଜ୍ୟର ଜାତୀୟ ରାଜପଥ କଡ଼ରେ ଅମୃତ ସରୋବର ନିର୍ମାଣ କରି କୃଷକମାନଙ୍କୁ ସହାୟତା କରିବା ପାଇଁ ସେ ଆଗ୍ରହ ପ୍ରକାଶ କରିଛନ୍ତି । ଶ୍ରୀ ଗଡ଼କରୀ କହିଛନ୍ତି ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ତେଲଙ୍ଗାନାରେ ୨ ଲକ୍ଷ କୋଟି ଟଙ୍କାର ରାଜପଥ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଯାହାଫଳରେ

କୋଥାଗୁଡ଼େମ ଏବଂ ମୁଲୁଗୁ ଭଳି ଦୁର୍ଗମ ଜିଲ୍ଲାଗୁଡ଼ିକୁ ହାଇଦ୍ରାବାଦ ସହ ଦ୍ରୁତ ସଂଯୋଗ କରାଯାଇ ପାରିବ ।

ଶ୍ରୀ ଗଡ଼କରୀ କହିଛନ୍ତି, ନିଉ ଗ୍ରୀନ୍ ଏକ୍ସପ୍ରେସ୍ ରାଜପଥର ଇନ୍ଦୋର-ହାଇଦ୍ରାବାଦ କରିଡର ଆସନ୍ତାବର୍ଷ ମାର୍ଚ୍ଚମାସ ସୁଦ୍ଧା ଶେଷ ହେବ । ସେହିପରି ଆସନ୍ତାବର୍ଷ ଏପ୍ରିଲ୍‌ମାସ ସୁଦ୍ଧା ସୁରଟ-ନାସିକ୍-କୁର୍ଣ୍ଣୁଲ-ହାଇଦ୍ରାବାଦ-ଚେନ୍ନାଇ-ତିରୁଅନନ୍ତପୁରମ୍ ଗ୍ରୀନ୍‌ଫିଲ୍ଡ ରାଜପଥ ମଧ୍ୟ ଶେଷ ହେବ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

**V/O [Nitin Garkari- Green field)**

---

# ଟ୍ରମ୍ପ୍ – ୟୁଏସ୍ ମୁଭିଜ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ବାହାରେ ନିର୍ମିତ ସମସ୍ତ ଚଳଚ୍ଚିତ୍ର ଉପରେ ଶତ ପ୍ରତିଶତ ଶୁଳ୍କ ଲାଗୁ କରିବେ । ଆମେରିକାକୁ ଆସୁଥିବା ସମସ୍ତ ବିଦେଶୀ ପ୍ରସ୍ତୁତ ଚଳଚ୍ଚିତ୍ର ଉପରେ ଶୁଳ୍କ ଲାଗୁ କରିବା ଲାଗି ରାଷ୍ଟ୍ରପତି ଟ୍ରମ୍ପ୍ ସେଠାକାର ବାଣିଜ୍ୟ ବିଭାଗକୁ ଅଧିକାର ଦେଇଛନ୍ତି । ଶ୍ରୀ ଟ୍ରମ୍ପ୍ ଅନ୍ୟ ରାଷ୍ଟ୍ରଗୁଡ଼ିକ ଆମେରିକୀୟ ଚଳଚ୍ଚିତ୍ର ନିର୍ମାତା ଏବଂ ଷ୍ଟୁଡିଓ ଗୁଡ଼ିକୁ ପ୍ରଲୋଭିତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି ।

---

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ୍ ସିରିଜ୍‌ର ଆଜିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ ମଧ୍ୟରେ ମୁକାବିଲା ହେବ । ହାଇଦ୍ରାବାଦଠାରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ । ବର୍ତ୍ତମାନ ସୁଦ୍ଧା ପ୍ୟାଟ କୁମିନ୍‌ସଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ହାଇଦ୍ରାବାଦ ଅଙ୍କ ତାଲିକାର ନବମ ସ୍ଥାନରେ ଥିବାବେଳେ

ଅକ୍ଷର ପଟେଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍ସ ପଞ୍ଚମ ସ୍ଥାନରେ ରହିଛି ।

ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ବିଜୟଲାଭ କରିଛନ୍ତି । ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ ୧ ରନ୍‌ରେ ରାଜସ୍ଥାନ ରୟାଲ୍‌ସକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ ୩୭ ରନ୍‌ରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସକୁ ପରାସ୍ତ କରିଥିଲା ।

---

## ଖେଲୋଇଣ୍ଡିଆ-ବିହାର

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାର ଦ୍ୱିତୀୟ ଦିନରେ ଆଜି କ୍ରୀଡ଼ାବିତ୍‌ମାନେ ସିପକ୍‌ଟାକ୍ରୋ, କବାଡ଼ି ଓ ମାର୍ଶାଲ୍ ଆଟ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । କବାଡ଼ିରେ ବାଳକ ବର୍ଗରେ ରାଜଗିରି ସ୍ପୋର୍ଟସ୍ କଂପ୍ଲେକ୍ସରେ ଅନୁଷ୍ଠିତ ମୁକାବିଲାରେ ଆନ୍ଧ୍ରପ୍ରଦେଶ' ଛତିଶଗଡ଼କୁ ପରାସ୍ତ କରିଛି ।

ବାଳିକା ବର୍ଗରେ ରାଜସ୍ଥାନ ୪୩-୪୪ରେ ଛତିଶଗଡ଼କୁ ପରାସ୍ତ କରିଥିବା ଜଣାପଡ଼ିଛି ।

ଗତକାଲି ଆଭାସୀ ତରିଆରେ ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ୨୦୩୬ ଅଲିମ୍ପିକ୍ସ ପୂର୍ବରୁ ଭାରତକୁ କ୍ରୀଡ଼ା କ୍ଷେତ୍ରରେ ସୁପର ପାୱାର୍ କରିବା ଲାଗି କେନ୍ଦ୍ର ସରକାର ପ୍ରତିବଦ୍ଧ ।  ଶ୍ରୀ ମୋଦୀ କହିଥିଲେ, ସରକାର ପୂର୍ବ ଦଶନ୍ଧି ତୁଳନାରେ କ୍ରୀଡ଼ା ବଜେଟ୍ ତିନିଗୁଣ ବୃଦ୍ଧି କରିଛନ୍ତି ଏବଂ ଚଳିତ ଆର୍ଥିକ ବର୍ଷରେ ୪ ହଜାର କୋଟି ଟଙ୍କା ଆବଣ୍ଟନ କରାଯାଇଛି ।

ସେ କହିଥିଲେ, କ୍ରୀଡ଼ା କ୍ଷେତ୍ରରେ ଭିତ୍ତିଭୂମି ନିର୍ମାଣକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ବର୍ଷ ତମାମ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଉଛି ଏବଂ ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ାକୁ ଅଧିକ ଗୁରୁତ୍ୱ ଦିଆଯାଇଛି ।

ଗତକାଲି ବିହାରର ପାଟନା ଠାରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ାରେ ୮ ହଜାର ୫୦୦ରୁ ଅଧିକ ଯୁବ ପ୍ରତିଭାଙ୍କୁ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବାର ସୁଯୋଗ ମିଳିଛି । ପ୍ରାୟ ୨ହଜାର ୪୦୦ ପ୍ରତିଯୋଗିଙ୍କୁ ଚୟନ କରାଯାଇ ପଦକ ପ୍ରଦାନ କରାଯିବ । ବିହାରର ପାଟନା, ରାଜଗିରି, ଗୟା, ଭାଗଲପୁର ଓ ବେଗୁସରାଇ ସମେତ ନୂଆଦିଲ୍ଲୀରେ ଏହି କ୍ରୀଡ଼ା ଆୟୋଜନ ହେଉଛି ।

---

## ହକି ଇଣ୍ଡିଆ

ପର୍ଥ ହକି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍‌ରେ ଭାରତୀୟ ମହିଳା ହକି ଦଳ ୧-୦ ଗୋଲ୍‌ରେ ଆୟୋଜକ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ଏଥିସହିତ ଭାରତୀୟ ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ ଶେଷ ହୋଇଛି । ଉପଅଧିନାୟକ ନବନୀତ କୌର ୨୧ତମ ମିନିଟ୍‌ରେ ଏକମାତ୍ର ଗୋଲ୍ ଦେଇଥିଲେ । ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ-ଏ ଦଳ ବିପକ୍ଷରେ ଦୁଇଟି ମ୍ୟାଚ୍ ଓ ବରିଷ୍ଠ ଟିମ୍ ବିପକ୍ଷରେ ଅନ୍ୟ ଦୁଇଟି ମ୍ୟାଚ୍‌ରେ ପରାଜୟ ବରଣ କରିଥିଲା ।

---